### ପେଟ୍ରୋଲ୍, ଡିଜେଲ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦର ବୃଦ୍ଧି

# ବିଜୁ ଯୁବ ଛାତ୍ର ମହିଳା ଜନତା ଦଳ ପକ୍ଷରୁ ପ୍ରତିବାଦ






**ସମ୍ବଲପୁର, ୨୭।୫(ସମିସ)**

ଗ୍ୟାସ ସଙ୍କଟ ଠିକ ଭାବେ ଦୂର ହୋଇନାହି। ଏବେ ଅହେତୁକ ଭାବେ ପେଟ୍ରୋଲ ଡିଜେଲ ଦର ବଢ଼ିବାରେ ଲାଗିଛି। ଏହାର ସିଧା ସଳଖ ପ୍ରଭାବ ସମସ୍ତଙ୍କ ଉପରେ ପଡୁଛି। ଏପରିକି ଚାଷୀ ମାନେ ମଧ୍ୟ ଚାଷ କାର୍ଯ୍ୟ କରିବାରେ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି କ୍ରମରେ ସମ୍ବଲପୁରରେ ବିଜେଡି ପକ୍ଷରୁ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ସମ୍ବଲପୁର ଜିଲ୍ଲା ସଭାପତି ଇଂ ରୋହିତ ପୂଜାରୀଙ୍କ ତତ୍ତ୍ୱାବଧାନରେ ସମ୍ବଲପୁର ସହର ଗୋଲବଜାର ଛକ ଠାରେ ଶତାଧିକ ବିଜୁ ଯୁବ ଛାତ୍ର ଏବଂ ମହିଳା ଜନତା ଦଳର ନେତୃମଣ୍ଡଳୀ ଏବଂ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପ୍ରତିବାଦ ସଭା ଏବଂ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ଦଳର ବିଭିନ୍ନ ନେତୃମଣ୍ଡଳୀ ଏବଂ କର୍ମକର୍ତ୍ତା ନିଜର ବକ୍ତବ୍ୟ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ଏବଂ ମହଙ୍ଗାମାରୀ ନିୟନ୍ତ୍ରଣରେ ବିଫଳତା ଯୋଗୁଁ ସାଧାରଣ ଲୋକ ଆର୍ଥିକ ସଂକଟରେ ଦେଇ ଗତିକରୁଥିବାରୁ, ଏହି ପରିସ୍ଥିତିରେ ବିଜୁ ଜନତା ଦଳ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଥିଲା। ଦଳୀୟ ନେତୃମଣ୍ଡଳୀ ଏବଂ କର୍ମକର୍ତ୍ତାଙ୍କ ଦ୍ୱାରା ବିଜେପି ଶାସିତ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କଙ୍କ ବିରୋଧରେ ବିଭିନ୍ନ ନାରା ମାନ ଦିଆଯାଇଥିଲା। ପେଟ୍ରୋଲ ଓ ଡିଜେଲ ଦର ତୁରନ୍ତ ହ୍ରାସ କରାଯାଉ, ରନ୍ଧନ ଗ୍ୟାସ ଦର କମାଇ ସାଧାରଣ ଲୋକଙ୍କୁ ରିହାତି ପ୍ରଦାନ କରାଯାଉ, ଅତ୍ୟାବଶ୍ୟକ ସାମଗ୍ରୀର ଦର ନିୟନ୍ତ୍ରଣ ପାଇଁ କଠୋର ପଦକ୍ଷେପ ଗ୍ରହଣ କରାଯାଉ, ଇନ୍ଧନ ଉପରେ ଲାଗୁଥିବା କେନ୍ଦ୍ରୀୟ କର ଓ ଏକ୍ସାଇଜ ଶୁଳ୍କ ହ୍ରାସ କରାଯାଉ ଓ ଚାଷୀ, ଶ୍ରମିକ ଓ ମଧ୍ୟବିତ୍ତ ପରିବାରଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନେବା ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ପ୍ରଦୋଷ ମହାନ୍ତି, ଜିଲ୍ଲା ମହିଳା ସଭାନେତ୍ରୀ ସଂଯୁକ୍ତା ମେହେର ଏବଂ ଛାତ୍ର ଜିଲ୍ଲା ସଭାପତି ଶୁଭ୍ରାଂଶୁ ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ବସନ୍ତ ମିଶ୍ର, ବେଣୁଧର ଦାସ, ପ୍ରହଲ୍ଲାଦ ଗୁରୁ, ଏମ୍ ଡି ସନାଉଲା, ଆନନ୍ଦ ବଡ଼ଗୟାନ୍, ସୁରୁବାବୁ ମେହେର, ସତ୍ୟେନ୍ଦ୍ର ଦାସ, ଅଶୋକ ପଟେଲ, ପ୍ରଶାନ୍ତ ଥାପା, ଅଜିମ ଅଜୁ, ସଞ୍ଜୀବ ଷଡ଼ଙ୍ଗୀ, ଆର୍ ଶିବ କୁମାର, ଶାନ୍ତନୁ ବଡ଼ପଣ୍ଡା, ସୁରେନ୍ଦ୍ର ବିଶ୍ୱାଳ, ହର୍ଦିପ ସିଂ ଭୂର୍ଜି, ଅଂଶୁମାନ ବେହେରା, ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧର୍ମରାଜ୍ ମରେଇ, ପ୍ରତାପ ତପନ, ସଞ୍ଜୟ ଗୌଡ଼, ଟିଟୁ ସାମଲ, ଅଫତାବ ଆଲମ୍, ସକିର୍ ହୁସେନ, ସଞ୍ଜୟ ବର୍ମା, ଶିବ ସାହୁ, ଦେବାଶିଷ ବାଗ, ଚିନ୍ତା ବାଗ, ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅନମୋଲ ଦାସ, ସୋମ ପ୍ରକାଶ ବେହେରା, ବିକି ସିଂ, ବୈଷ୍ଣବ ସାହୁ, ଲୁଲୁ ପ୍ରଧାନ, ବିଜୁ ମହିଳା ଜନତା ଦଳର ରାଜ୍ୟ ଉପସଭାନେତ୍ରି ଉଷା ପ୍ରଧାନ, ଜୋନ ସଭାନେତ୍ରୀ ସିପ୍ରା ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦିକା ସଙ୍ଗୀତା ସ୍ୱାଇଁ, ମମତା ମହାନ୍ତି, ପୁଷ୍ପା ପଣ୍ଡା, ନନ୍ଦିନୀ ପ୍ରଧାନ, ଲିଲିମା ମଲ୍ଲିକ, ସସ୍ମିତା ଦୀପ, ସିବପ୍ରୀୟା ସାହୁ, କୁନ୍ତୀ ସିଂ, ପାର ମୁଣ୍ଡା, ଲକ୍ଷ୍ମୀ ଭୋଇ, ଜସ୍ମିନ୍ ଖାନ, ସୁଭାଷିନୀ ଓରାମ, ବିଜୟ ଲକ୍ଷ୍ମୀ ଯାଦବଙ୍କ ସମେତ ବହୁ ସଂଖ୍ୟାରେ ଯୁବ ଛାତ୍ର ମହିଳା ଜନତା ଦଳର ନେତୃମଣ୍ଡଳୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସ୍ୱାମୀଙ୍କୁ ଛାଡ଼ି ନବବିବାହିତା ପ୍ରେମିକ ସହ ଫେରାର

**କୁଚିଣ୍ଡା, ୨୬।୫(ସମିସ):** ବାମରା ବ୍ଲକ ଗଡ଼ପୋଷ ଅଞ୍ଚଳରେ ଜଣେ ନବବିବାହିତା ନିଜ ସ୍ୱାମୀଙ୍କୁ ଛାଡ଼ି ଜଣେ ବିବାହିତ ପ୍ରେମିକ ସହ ଫେରାର ହୋଇଥିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣାକୁ ନେଇ ମହିଳାଙ୍କ ସ୍ୱାମୀ ଗୋବିନ୍ଦପୁର ଥାନାର ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି।ସୂଚନା ଅନୁସାରେ, ଏକମା ଗୁଠିଆପଡ଼ା ଅଞ୍ଚଳର ଜଣେ ଯୁବତୀଙ୍କ ସହ ବାମରା ବ୍ଲକର ପିଣ୍ଡାପଥର ଅଞ୍ଚଳର ଜଣେ ଯୁବକଙ୍କ ବିବାହ ଗତ ଫେବୃଆରୀ ୨୫ ତାରିଖରେ ବୈଦିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା। ବିବାହ ପରେ ଦୁହେଁ ସାଧାରଣ ଭାବେ ଦାମ୍ପତ୍ୟ ଜୀବନ କାଟୁଥିବା ବେଳେ ହଠାତ୍ ଚଳିତ ମାସ ୨୦ ତାରିଖ ଦିନ ସମ୍ପୃକ୍ତ ନବବିବାହିତା କାହାକୁ କିଛି ନ କହି ଘରୁ ଚାଲିଯାଇଥିଲେ।ସ୍ତ୍ରୀଙ୍କ ଅଚାନକ ନିଖୋଜ ହେବା ପରେ ସ୍ୱାମୀ ଓ ପରିବାର ଲୋକ ନିଜ ସମ୍ଭବ ସମସ୍ତ ସ୍ଥାନରେ ଖୋଜାଖୋଜି କରିଥିଲେ। ତେବେ କୌଣସି ସନ୍ଧାନ ନମିଳିବାରୁ ଗଡ଼ପୋଷ ଫାଣ୍ଡିରେ ଅଭିଯୋଗ କରାଯାଇଥିଲା।ଏହାର କିଛି ଦିନ ପରେ ଗତ ଶନିବାର ସମ୍ପୃକ୍ତ ଯୁବକ ନିଜ ସାଙ୍ଗସାଥୀଙ୍କ ସହ ମେଟାକାନି ମନ୍ଦିରକୁ ବୁଲିବାକୁ ଯାଇଥିବା ବେଳେ ସେଠାରେ ନିଜ ସ୍ତ୍ରୀଙ୍କୁ ଜଣେ ଅନ୍ୟ ବ୍ୟକ୍ତିଙ୍କ ସହ ଦେଖିଥିବା କୁହାଯାଉଛି। ଏହାକୁ ନେଇ ସ୍ୱାମୀ ଓ ସମ୍ପୃକ୍ତ ବ୍ୟକ୍ତିଙ୍କ ମଧ୍ୟରେ ପାଟିତୁଣ୍ଡ ସହ ଗଣ୍ଡଗୋଳ ହୋଇଥିଲା। ପରେ ଖବର ପାଇ ପୁଲିସ ସେଠାରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।ପୁଲିସ ପଚରାଉଚରା ସମୟରେ ସମ୍ପୃକ୍ତ ମହିଳା ନିଜ ସ୍ୱାମୀଙ୍କ ସହ ଫେରିବାକୁ ସଫା ସଫା ମନା କରିଦେଇଥିବା ସୂଚନା ମିଳିଛି। ପରେ ତାଙ୍କୁ ସମ୍ବଲପୁର ସଖୀ କେନ୍ଦ୍ରରେ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କ ପରିବାର ଲୋକ ଆସି ତାଙ୍କୁ ନିଜ ଜିମାରେ ନେଇଥିଲେ।ଅନ୍ୟପଟେ, ମହିଳାଙ୍କ ସହ ଥିବା ବ୍ୟକ୍ତି ଜଣକ ବଲାଙ୍ଗିର ଅଞ୍ଚଳର ହୋଇଥିବା ବେଳେ ସେ ମଧ୍ୟ ବିବାହିତ ଏବଂ ଦୁଇ ସନ୍ତାନର ପିତା ବୋଲି ଜଣାପଡ଼ିଛି।

## ପୁଅ ଆକ୍ରମଣରେ ମାଆ ଆହତ

**ରେଢ଼ାଖୋଲ, ୨୭।୫(ସମିସ):** ଦଶ ମାସ ଦଶ ଦିନ ମାଆ ଗର୍ଭରେ ଧରି ସନ୍ତାନ ଜନ୍ମ ଦେଇଥାଏ। ଛୋଟରୁ ବଡ଼ କରିଥାଏ।ପାଠ ପଢ଼ାଇ ବଡ ହେବାକୁ କେତେ ସ୍ୱପ୍ନ ଦେଖିଥାଏ ମାଆ। ହେଲେ ଶେଷରେ ସେଇ ଜନ୍ମ କଲା ପୁଅ ରାକ୍ଷସ ସାଜି ଏକ କୋଡ଼ିରେ ମାଆର ମୁଣ୍ଡ ଫଟାଇ ରକ୍ତାକ୍ତ କରିଦେବା ଭଳି ଅଭାବନୀୟ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ସରଧାପୁର ଗ୍ରାମରେ ଘଟିଛି। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ଥାନା ଶିମିଳିପାଳ ପଞ୍ଚାୟତ ସରଧାପୁର ଗ୍ରାମର ଅର୍ଜୁନ ଭୋଇଙ୍କ ମାଆ ଅଯୋଧ୍ୟା ଭୋଇଙ୍କୁ ମଦ୍ୟପାନ କରି



ଜୀବନରେ ମାରି ଦେବାକୁ ଧମକ ଦେବାସହ ଏକ କୋଡ଼ିରେ ମାଆ ଅଯୋଧାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଅଯୋଧାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଉଦ୍ଧାର କରି ରେଢ଼ାଖୋଲ ମେଡିକାଲ ଚିକିତ୍ସିତ କରିଛନ୍ତି। ଏଥିରେ ବୃଦ୍ଧା ମାଆ ରେଢ଼ାଖୋଲ ଥାନା ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

## କୁରୁମଟିକିରା ସାହିରେ ମଦ ବିକ୍ରି ବନ୍ଦ ଦାବି

**ରେଢ଼ାଖୋଲ, ୨୭।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍ଏସି ଅନ୍ତର୍ଗତ ୧୧ ନଂ ୱାର୍ଡ କୁରୁମଟିକିରା ସାହିରେ ମଦ ବିକ୍ରି ବନ୍ଦ ସହିତ ଆଇନ ଶୃଙ୍ଖଳା ପ୍ରତି ଧ୍ୟାନଦେଇ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପଡ଼ାର ମହିଳାମାନେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ କୁରୁମଟିକିରା ସାହି ମଝିରେ ଅର୍ଦ୍ଧ ଭଗ୍ନ ଘର ରହିଛି। ଏହି ଘରେ ମଦ୍ୟପମାନେ ଉପସ୍ଥିତ ରହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଅନେକ ଅସାମାଜିକ କାର୍ଯ୍ୟ ହେଉଥିବା ଦେଖିବାକୁ ମିଳୁଛି। ଯଦ୍ୱାରା ସାହିର ମାଆ, ଭଉଣୀମାନେ ଆକ୍ରୋଶର ଶିକାର ହେବାକୁ ପଡୁଛି।ଏହି ଅର୍ଦ୍ଧ ଭଗ୍ନ ଘରକୁ ସମ୍ପୂର୍ଣ୍ଣ ଭାବରେ ଉଚ୍ଛେଦ କରାଯାଉ, ନଚେତ୍ ମହିଳାଙ୍କୁ ବୈଠକ



ନିମନ୍ତେ ହସ୍ତାନ୍ତର କରାଯାଉ। ସାହିରେ ଥିବା ଅସ୍ଥାୟୀ ଅଙ୍ଗନୱାଡି କେନ୍ଦ୍ର ପାଖରେ ମଦ୍ୟପମାନେ ବିଶୃଙ୍ଖଳା ସୃଷ୍ଟି କରିଛନ୍ତି।ଫଳରେ ଛୋଟ ଛୋଟ ଶିଶୁ ମାନଙ୍କ ପାଠପଢ଼ାରେ ବ୍ୟାହତ ହେଉଛି। ଦାବିପତ୍ର ପ୍ରଦାନ ବେଳେ ସାହିର ବାସନ୍ତୀ ସ୍ୱାଇଁ, ପ୍ରତିଭା ଦେହୁରୀ, ଯମୁନା ମହାକୁଡ଼, ଗଉରୀ ମେହେର, ଜୟନ୍ତୀ ସାହୁ, ଗୀତା ଜେନା, ବନିତା ମେହେର ପ୍ରମୁଖ ସମେତ ଅନ୍ୟ ମହିଳାମାନେ ସାମିଲ ଥିଲେ।

## ଜୁନ୍ ମାସର ଅଭିଯୋଗ ଶୁଣାଣି ତାଲିକା

**ସମ୍ବଲପୁର, ୨୭।୫ (ସମିସ) :** ସମ୍ବଲପୁର ଜିଲ୍ଲାରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ମିଳିତ ଭାବେ ଆସନ୍ତା ଜୁନ୍ ମାସରେ ବିଭିନ୍ନ ବ୍ଲକରେ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଏହି ଶୁଣାଣି ସୋମବାର ୧ ତାରିଖ ଓ ୮ ତାରିଖ ପାଇଁ ସକାଳ ୯ଟାରୁ ପୂର୍ବାହ୍ଣ ୧୧ଟା ପର୍ଯ୍ୟନ୍ତ ଏବଂ ୧୬ ତାରିଖ, ୨୨ ତାରିଖ ଓ ୨୯ ତାରିଖ ପାଇଁ ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ୧ଟା ଯାଏ ଚାଲିବ। ଜନ ଅଭିଯୋଗ ଶୁଣାଣି ଜୁନ୍ ୧ ତାରିଖରେ କୁଚିଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଜୁନ୍ ୮ ତାରିଖରେ ମାନେଶ୍ୱର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଜୁନ୍ ୧୬ ତାରିଖରେ ବାମରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଜୁନ୍ ୨୨ ତାରିଖରେ ରେଙ୍ଗାଲି ଏବଂ ଜୁନ୍ ୨୯ ତାରିଖରେ ନାକଟିଦେଉଳ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ ବୋଲି ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲ୍ଲୁ ଜଣାଇଛନ୍ତି।

## ବିଦ୍ୟୁତ୍ ଆଘାତରେ ଶ୍ରମିକର ମୃତ୍ୟୁ

**ରେଢ଼ାଖୋଲ, ୨୭।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଚାରମାଳ ଥାନା ଅଧୀନ ହେଲେଇ ଗ୍ରାମସ୍ଥିତ କ୍ରସରର କୁଆଁରୀରେ ବୁଧବାର ଦିନ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ କ୍ରସର୍ ଶ୍ରମିକର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ଯୁବକ ଜଣଙ୍କ ଅନଗୁଳ ଜିଲ୍ଲା କିଶୋର ନଗର ଥାନା ଟେଣ୍ଟେଲାପାଣି ଗ୍ରାମ ବାସିନ୍ଦା ସୌମ୍ୟ ରଞ୍ଜନ ନାୟକ। ସୂଚନା ଯୋଗ୍ୟ ଯେ ଏହି ହେଲେଇ କ୍ରସର ଠାରେ ଗତ ୧୪ ତାରିଖରେ କାର୍ଯ୍ୟରତ ସମୟରେ ପଶ୍ଚିମବଙ୍ଗ ରାଜ୍ୟର ନଦିଆ ଜିଲ୍ଲାର ସନ୍ଦୀପ ସରକାର ମୃତ୍ୟୁବରଣ କରିଥିଲେ। ପୁଣି ଆଜି କ୍ରସର୍ କୁଆଁରୀରେ ବିଦ୍ୟୁତ୍ ଆଘାତରେ ଜଣେ ଶ୍ରମିକ ସୌମ୍ୟ ରଞ୍ଜନ ପାଣିରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ଗ୍ରାମବାସୀ ଉତ୍ତେଜିତ ହୋଇ ପଥର କ୍ରସର୍ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ଶ୍ରମିକଙ୍କୁ କ୍ଷତି ପୂରଣ ଦାବିରେ ଗ୍ରାମବାସୀ ଘଟଣା ସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇ ଶ୍ରମିକଙ୍କ ମୃତଦେହ ଛାଡିନଥିଲେ। ଜାଣିବା ପରେ ଚାରମାଳ ଥାନା ଅଧିକାରୀ ବେଦପ୍ରକାଶ ନନ୍ଦ, ରେଢ଼ାଖୋଲ ବିଡିଓ ରାଜେନ୍ଦ୍ର ନାରାୟଣ ସେନାପତି, ତହସିଲଦାର ରାମ ଗୋବିନ୍ଦ ପରିଡ଼ା ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ପଞ୍ଜିକୃତ ଅନୁଷ୍ଠାନଗୁଡ଼ିକର ନବୀକରଣ ସମସ୍ୟାକୁ ନେଇ ପ୍ରତିବାଦ ସଭା

**ସମ୍ବଲପୁର, ୨୭।୫ (ସମିସ) :** ଓଡ଼ିଶା ସରକାରଙ୍କ ରାଜସ୍ୱ ବୋର୍ଡ ପଞ୍ଜିକରଣ ଶାଖା ପକ୍ଷରୁ ଗତ ମାର୍ଚ୍ଚ ମାସରେ ଦିଆ ଯାଇଥିବା ସାର୍ବଜନୀନ ବିଜ୍ଞପ୍ତି ଅନୁସାରେ ୨୦୨୧ ମସିହା ପୂର୍ବରୁ ପଞ୍ଜିକୃତ ସମସ୍ତ ଅନୁଷ୍ଠାନ ଗୁଡିକୁ ଚଳିତ ମାସ ୨୧ ତାରିଖ ସୁଦ୍ଧା ପଞ୍ଜିକରଣର ବୈଧତା ନବୀକରଣ କରାଇ ନେବାକୁ କୁହାଯାଇଥିଲା। ମାତ୍ର ଏହି ବିଜ୍ଞପ୍ତି ସମ୍ପର୍କରେ ରାଜ୍ୟର ଅଧିକାଂଶ ପଞ୍ଜିକୃତ ଅନୁଷ୍ଠାନ ସୂଚିତ ନ ଥିଲେ, ପୁନଶ୍ଚ ଜଟିଳ ନବୀକରଣ ପ୍ରକ୍ରିୟା ହେତୁ ଆବଶ୍ୟକୀୟ ତଥ୍ୟ ଯୋଗାଡ଼ କରିବା ବିଶେଷ କରି ପୁରୁଣା ପଞ୍ଜିକରଣ, ସ୍ମାରକ ପତ୍ର, ଉପ-ଆଇନର ପ୍ରାମାଣିକ କପି ଯୋଗାଡ଼ କରିବା ଆଦି ରହିଛି। ଅନେକ ଗୁଡ଼ିଏ ପୁରୁଣା ଅନୁଷ୍ଠାନର ତଥ୍ୟ ସରକାରୀ ରେକର୍ଡ ରୁମରେ ମଧ୍ୟ ନାହିଁ, ପୁଣି ଧାର୍ଯ୍ୟ ସମୟ ସୀମା ମଧ୍ୟରେ ନବୀକରଣ ହୋଇ ନପାରିଲେ, ମାସକୁ ପାଞ୍ଚ ଶହ ଟଙ୍କା ଜୋରିମାନା ଦେଇ ଛଅ ମାସ ମଧ୍ୟରେ କରିବାକୁ କୁହାଯାଇଛି, ଯାହାକି ଅନେକ ଗୁଡିଏ ଅନୁଷ୍ଠାନ ନିମନ୍ତେ ଅତ୍ୟନ୍ତ କଷ୍ଟକର। ଏନେଇ ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ସଭାପତି ଡଃ ପରେଶ ଚନ୍ଦ୍ର ଦାନୀଙ୍କ ଅଧ୍ୟକ୍ଷତାରେ ସମ୍ବଲପୁରର ସମସ୍ତ ପଞ୍ଜିକୃତ ଅନୁଷ୍ଠାନମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସରକାରଙ୍କ ପକ୍ଷରୁ ପଞ୍ଜିକୃତ ଅନୁଷ୍ଠାନ ମାନଙ୍କର ପଞ୍ଜିକରଣର ନବୀକରଣ



ପ୍ରକ୍ରିୟାକୁ ପ୍ରତିବାଦ କରାଯାଇଥିଲା।

ରାଜ୍ୟରେ ସମ୍ପ୍ରତି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି, ଏହି ନବୀକରଣ କାର୍ଯ୍ୟ କଷ୍ଟବୋଧ ହେଉଛି। ତେଣୁ ନବୀକରଣ ପ୍ରକ୍ରିୟାକୁ ସରଳ କରିବାସହ ତାହା ଯେପରି ବ୍ୟୟ ସାପେକ୍ଷ ନହେବ ଏବଂ ନବୀକରଣର ଧାର୍ଯ୍ୟ ସୀମାକୁ ଅନ୍ୟୁନ ଆଉ ଛଅ ମାସ ପର୍ଯ୍ୟନ୍ତ କୋହଳ କରାଯିବାକୁ ସଭାରେ ଦାବି କରାଯାଇଥିଲା। ଏଥିନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜସ୍ୱ ମନ୍ତ୍ରୀ ଓ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସଭାରେ 'ସେତୁ' ଅନୁଷ୍ଠାନର ସଭାପତି ଡଃ ମୀନକେତନ ପାଠୀ ମଞ୍ଚାସୀନ ଥିଲେ। ସମ୍ବଲପୁର ନାଟ୍ୟକଳା ପରିଷଦର ସମ୍ପାଦକ ଡଃ ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ଓଡ଼ିଶା ସାଂସ୍କୃତିକ ସମାଜର ସହ-ସମ୍ପାଦକ ଅଖିଳ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସେତୁ, ସମ୍ବଲପୁର ନାଟ୍ୟକଳା ପରିଷଦ, ଜିଲ୍ଲା କ୍ରୀଡ଼ା ସଂଘ, ବାର୍ ଆସୋସିଏସନ, ଆଙ୍ଗୋଟା, ଚିତ୍ରଗୁପ୍ତ କଲ୍ୟାଣ ସଂଘ, ଓଡ଼ିଶା ଲୋକ ସଂସ୍କୃତି ଗବେଷଣା ପରିଷଦ, ମଞ୍ଚ ନାୟକ, କ-ଖ-ଗ, ଶ୍ରୀ କଲଚରାଲ ଆସୋସିଏସନ, ଭାରତୀ କଳା ବିକାଶ କେନ୍ଦ୍ର, ସମ୍ବଲପୁର କଳା ପରିଷଦ, ହୀରାଖଣ୍ଡ ନାଗରିକ ପରିଷଦ, ଜିଲ୍ଲା ବାରିକ ସମାଜ, ଜ୍ୟୋତି, ନାରୀ ସେବା ସଂଘ, ବୁର୍ଲା ଆଥଲେଟିକ ଆସୋସିଏସନ, ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘ, କାଳିବାଡ଼ି ଟ୍ରଷ୍ଟ, ଜୱାନ-ଏ-ହିନ୍ଦ୍ କ୍ଲବ, ଲହରୀ, ରଙ୍ଗ ଫରୁଆ, ଭାରତୀ ସମାଜ, ଉକିଆ, କଳା ଓ କଳାକାର, ଶକ୍ତି ସଂଘ, କହର, ସଣ୍ଡେ ଗ୍ରୁପ, ସମ୍ବଲ, ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ, ଉତ୍ସର୍ଗ, ଦିବ୍ୟ ଜୀବନ ସଂଘ ଭଳି ୪୦ରୁ ଉର୍ଦ୍ଧ୍ୱ ପଞ୍ଜିକୃତ ଅନୁଷ୍ଠାନର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ।

## ଜୁନ୍ ୧ରୁ ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡର୍ ଅନ୍‌ଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା

**ସମ୍ବଲପୁର, ୨୭।୫ (ସମିସ) :** ନିଯୁକ୍ତି ବର୍ଷ ୨୦୨୬-୨୦୨୭ ପାଇଁ ଭାରତୀୟ ସେନାରେ ନିଯୁକ୍ତି ପାଇଁ ଅନ୍‌ଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ) ଜୁନ ୧ ତାରିଖରୁ ଜୁନ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କୋଲକାତାର ନିଯୁକ୍ତି ଜୋନରେ, ସିକିମ୍, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ରାଜ୍ୟର ୧୭ଟି ସହରର ୨୭ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେବ। ଓଡ଼ିଶା ରାଜ୍ୟ ପାଇଁ, ଏହି ପରୀକ୍ଷା ୭ଟି ସହରରେ ଅନୁଷ୍ଠିତ ହେବ - କଟକ, ଭୁବନେଶ୍ୱର, ଢେଙ୍କାନାଳ, ରାଉରକେଲା, ସମ୍ବଲପୁର, ବାଲେଶ୍ୱର ଏବଂ ବ୍ରହ୍ମପୁର। ଅନ୍‌ଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ନିମନ୍ତେ ଆବେଦନ କରିବା ପାଇଁ ପଞ୍ଜୀକରଣ ସମୟ ଏପ୍ରିଲ ୧୦ ତାରିଖରେ ବନ୍ଦ ହୋଇଗଲା ଏବଂ ପ୍ରାର୍ଥୀମାନେ ମେ ୧୫ଠାରୁ ଡବ୍ଲୁଡବ୍ଲୁଡବ୍ଲୁ.ଜଏନ୍ଇଣ୍ଡିଆନ୍ଆର୍ମି.ଏନ୍ଆଇସି.ଇନ୍ ୱେବ୍‌ସାଇଟ୍‌ରୁ ସେମାନଙ୍କର ପ୍ରବେଶ ପତ୍ର ଦେଖିପାରିବେ ଏବଂ ଡାଉନଲୋଡ୍ କରିପାରିବେ। ପଞ୍ଜୀକୃତ ପ୍ରାର୍ଥୀ ଯେଉଁମାନେ ସେମାନଙ୍କର ପ୍ରବେଶ ପତ୍ର ପାଇନାହାଁନ୍ତି ସେମାନେ ସେମାନଙ୍କର ସମ୍ପୃକ୍ତ ସେନା ନିଯୁକ୍ତି କାର୍ଯ୍ୟାଳୟ (ଏଆର୍ଓ) ସହିତ ଯୋଗାଯୋଗ କରିପାରିବେ। କମ୍ପ୍ୟୁଟର ଆଧାରିତ ଅନଲାଇନ୍ ପରୀକ୍ଷାକୁ ବୁଝିବା ଏବଂ ଅଭ୍ୟାସ କରିବା ପାଇଁ ପ୍ରାର୍ଥୀ ମାନଙ୍କୁ ଉପରୋକ୍ତ ୱେବସାଇଟ୍ ପରିଦର୍ଶନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଅନ୍‌ଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ) ପରେ, ମନୋନୀତ ପ୍ରାର୍ଥୀମାନଙ୍କୁ ସେମାନଙ୍କର ଫଳାଫଳ ଏବଂ ନିଯୁକ୍ତି ରାଲିର କାର୍ଯ୍ୟସୂଚୀ ବିଷୟରେ ସୂଚିତ କରାଯିବ। ପ୍ରାର୍ଥୀମାନଙ୍କୁ କୌଣସି ମଧ୍ୟସ୍ଥି (ଟାଉଟ୍)ଙ୍କ ଶିକାର ନ ହେବାକୁ ପରାମର୍ଶ ଦିଆଯାଇଛି। ଯେକୌଣସି ପ୍ରଶ୍ନ ଥିବା ପ୍ରାର୍ଥୀମାନେ ସେମାନଙ୍କ ନିକଟତମ ପ୍ରାସଙ୍ଗିକ ନିଯୁକ୍ତି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି।

## ବର୍ଷା ଋତୁରେ ଯେକୌଣସି ସମୟରେ ହେବ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର, ୨୭।୫ (ସମିସ) :** ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ, ହୀରାକୁଦ ବନ୍ଧରୁ ପୂର୍ବ ବର୍ଷ ଭଳି ଏବର୍ଷ ମଧ୍ୟ ବର୍ଷା ଋତୁରେ ଯେକୌଣସି ସମୟରେ ବନ୍ୟାଜଳ ନିଷ୍କାସନ ହୋଇପାରେ। ଏଣୁ ସର୍ବସାଧାରଣ ମହାନଦୀ ଶଯ୍ୟାରେ ଚଳାଚଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ବନ୍ୟାଜଳ ନିଷ୍କାସନ ସମୟରେ ହୀରାକୁଦ ବନ୍ଧ ବାମ ସ୍ପିଲୱେଠାରେ ସାଇରନ ବଜାଇବାର ବ୍ୟବସ୍ଥା ହୋଇଛି। ଏହି ସାଇରନ ୨ ମିନିଟ ଅବିଚ୍ଛିନ୍ନ ବାଜି ୨ ଥର ୨୦ ସେକେଣ୍ଡ ଅନ୍ତରରେ ୩୦ ସେକେଣ୍ଡ ଧରି ବାଜିବ ଏବଂ ଏହାର ପୁନରାବୃତ୍ତି ହୋଇ ଅବିଚ୍ଛିନ୍ନ ଭାବେ ବାଜିଚାଲିବ। ପ୍ରକୃତ ଗେଟ୍ ଖୋଲାଯିବାର ଦୁଇଘଣ୍ଟା ପୂର୍ବରୁ ସାଇରନ ଅବିଚ୍ଛିନ୍ନ ଭାବରେ ବାଜିବ ବୋଲି ହୀରାକୁଦ ବନ୍ଧ ମଣ୍ଡଳ, ବୁର୍ଲାର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଜ୍ୟୋତିର୍ମୟ ବେହେରା ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

## ସମ୍ବଲପୁରରେ ଅସହ୍ୟ ଗରମ ଓ ଗୁଳୁଗୁଳି ଜାରି


**ସମ୍ବଲପୁର, ୨୭।୫ (ସମିସ) :** ସମ୍ବଲପୁରରେ ସକାଳ ନ ପାହୁଣୁ ଗରମ ପବନ ବହୁଛି। ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳିରେ ହନ୍ତସନ୍ତ ହେଉଛନ୍ତି ଲୋକେ। ସକାଳ ୮ଟା ବେଳକୁ ତାପମାତ୍ରା ୩୨ ଡିଗ୍ରୀ ଡେଇଁଥିବାବେଳେ ଦିନ ବଢ଼ିବା ସଙ୍ଗେ ସଙ୍ଗେ ତାପମାତ୍ରା ବଢ଼ି ବଢ଼ି ଚାଲିଛି। ଉଷ୍ମ ରାତି ପ୍ରଭାବରେ ସର୍ବନିମ୍ନ ତାପମାତ୍ରା ମଧ୍ୟ ୩୦ ଡିଗ୍ରୀ ଉପରେ ରହୁଛି। ଲୋକେ ଦିନବେଳା ଖରା, ଗରମରେ କଲବଲ ହେଉଥିବାବେଳେ ରାତିବେଳା ମଧ୍ୟ ଘର ଭିତରେ ରହିବା ଅସମ୍ଭବ ହୋଇପଡୁଛି। ଅଘୋଷିତ ବିଦ୍ୟୁତ୍‌କାଟ୍ ଏବଂ ଲୋ-ଭୋଲ୍ଟେଜ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଗଲାଣି।

ଆଜି ବୁଧବାର ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୪.୨ ଡିଗ୍ରୀ ରହିଥିଲା। ଗତ ୧୯ ତାରିଖ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୩.୬ ଡିଗ୍ରୀ (୩୦.୦), ୨୦ ତାରିଖରେ ୪୫.୩ ଡିଗ୍ରୀ (୩୦.୪), ୨୧ ତାରିଖରେ ୪୪.୬ ଡିଗ୍ରୀ (୩୦.୬), ୨୨ ତାରିଖରେ ୪୪.୨ ଡିଗ୍ରୀ (୩୦.୬), ୨୩ ତାରିଖରେ ୪୫.୦ ଡିଗ୍ରୀ (୩୦.୨), ୨୪ ତାରିଖରେ ୪୫.୩ ଡିଗ୍ରୀ (୩୦.୨), ୨୫ ତାରିଖରେ ୪୪.୨ ଡିଗ୍ରୀ (୩୧.୦), ୨୬ ତାରିଖରେ ୪୪.୪ ଡିଗ୍ରୀ (୩୦.୨) ଏବଂ ଆଜି ୪୪.୨ ଡିଗ୍ରୀ ଓ ସର୍ବନିମ୍ନ ୩୦.୮ ଡିଗ୍ରୀ ତାପମାତ୍ରା ରହିଛି। ଚଳିତବର୍ଷ ମାର୍ଚ୍ଚ ୧୩ ତାରିଖରେ ସମ୍ବଲପୁରର ତାପମାତ୍ରା ୪୦ ଡିଗ୍ରୀ ଛୁଇଁଥିଲା। ଗତ ଏପ୍ରିଲ ୨୪ ତାରିଖରେ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୩.୬ ଡିଗ୍ରୀ ଏବଂ ୨୮ ତାରିଖରେ ୪୩.୫ ଡିଗ୍ରୀ ରେକର୍ଡ କରାଯାଇଥିଲା। ମେ ୨୦ ତାରିଖରେ ସମ୍ବଲପୁରରେ ଚଳିତବର୍ଷର ସର୍ବାଧିକ ତାପମାତ୍ରା ୪୫.୩ ଡିଗ୍ରୀ ହୋଇଥିଲା।

## ଉତ୍ତମ ଲଜିଷ୍ଟିକ୍ସ ନେଟ୍‌ୱର୍କ ବେଦାନ୍ତ ଆଲୁମିନିୟମକୁ ପ୍ରଦାନ କରିଛି ଶକ୍ତି

**ସମ୍ବଲପୁର, ୨୭।୫(ସମିସ)**

ପ୍ରତ୍ୟେକ ଉଚ୍ଚ-ପ୍ରଦର୍ଶିତ ଉତ୍ପାଦନ ପ୍ରଣାଳୀ ପଛରେ ଏକ ବ୍ୟାପକ ଲଜିଷ୍ଟିକ୍ସ ନେଟୱାର୍କ ରହିଛି ଯାହାକି ଏହାକୁ ସୁଗମ ଗତିରେ ତଦାରକ କରିବା ସହିତ ବିପୁଳ ପରିମାଣର କଞ୍ଚାମାଲ ସ୍ଥାନାନ୍ତର ତଥା ସମୟ ଏବଂ ସଠିକତା ସହିତ ସମାପ୍ତ ଉତ୍ପାଦ ବିତରଣ କରିବାର କ୍ଷମତା ପ୍ରଦାନ କରିଥାଏ। ବିଶ୍ୱର ସର୍ବବୃହତ ଆଲୁମିନିୟମ ପ୍ଲାଂଟ ଝାରସୁଗୁଡାର ବେଦାନ୍ତ ଆଲୁମିନିୟମରେ, ଲଜିଷ୍ଟିକ୍ସକୁ ଏକ ମେଗା ସ୍କେଲରେ ଉତ୍ପାଦନ ବଜାୟ ରଖିବା ପାଇଁ ଏକ ନିରନ୍ତର, ଉଚ୍ଚ-ଭଲ୍ୟୁମ୍ କାର୍ଯ୍ୟକୁ ସମର୍ଥନ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ସିଷ୍ଟମ୍ ମାଧ୍ୟମରେ ସ୍ଥାନିତ କରାଯାଇଛି। ପ୍ରତିବର୍ଷ, ଆଲୁମିନା ଭଳି କଞ୍ଚା ଇନପୁଟ୍, ବିଲେଟ୍ ଏବଂ ଇନଗଟ୍ ଭଳି ସମାପ୍ତ ସାମଗ୍ରୀ ଏବଂ ଉପ-ଉତ୍ପାଦ ସମେତ ପ୍ରାୟ ୨୮ ନିୟୁତ ଟନ୍ ସାମଗ୍ରୀ ସମନ୍ୱିତ ଲଜିଷ୍ଟିକ୍ସ ନେଟୱାର୍କ ମାଧ୍ୟମରେ ଗତି କରିଥାଏ। ରେଳ ଏହି ସିଷ୍ଟମର ଏକ ମେରୁଦଣ୍ଡ ଅଟେ। ପ୍ଲାଣ୍ଟକୁ ଏବଂ ପ୍ଲାଣ୍ଟରୁ ପ୍ରାୟ ୫୫ ପ୍ରତିଶତ ସାମଗ୍ରୀ ରେଳ ଦ୍ୱାରା ପରିବହନ କରାଯାଏ। ଆର୍ଥିକ ବର୍ଷ



୨୬ରେ ବେଦାନ୍ତ ଆଲୁମିନିୟମର ଝାରସୁଗୁଡା ପ୍ଲାଣ୍ଟ ଦ୍ୱାରା ୫ହଜାରରୁ ଅଧିକ ରେଳ ରେକ୍ ପରିଚାଳନା କରାଯାଇଥିଲା। ପ୍ରାୟତଃ ସର୍ବାଧିକ ପିକ୍ ପିରିୟଡ୍ ସମୟରେ ଗୋଟିଏ ମାସ ମଧ୍ୟରେ ପ୍ରାୟ ୫୦୦ ରେକ୍ ପରିଚାଳନା କରାଯାଇଥିଲା। ଏହି କାର୍ଯ୍ୟଦକ୍ଷତା ସ୍କେଲ୍‌ରେ ନିରନ୍ତରତା ପାଇଁ ଡିଜାଇନ୍ କରାଯାଇଥିବା ଏକ ଲଜିଷ୍ଟିକ୍ ଇକୋସିଷ୍ଟମ୍ ଦ୍ୱାରା ସକ୍ଷମ ହୋଇଛି। ସମ୍ବଲପୁର, ଚକ୍ରଧରପୁର ଏବଂ ବିଳାସପୁର ଭଳି ପ୍ରମୁଖ ରେଳ ଡିଭିଜନ ସହିତ ସଂଯୁକ୍ତ ଯାହା ଏହାକୁ ପୂର୍ବ ତଟ ଜୋନରେ ଭାରତୀୟ ରେଳବାଇର ସର୍ବବୃହତ ମାଲ ଗ୍ରାହକ କରିଥାଏ। ପ୍ଲାଣ୍ଟର ନେଟୱାର୍କ ସମନ୍ୱିତ ସାଇଡିଂ, ଇନହାଉସ୍ ଲୋକୋମୋଟିଭ୍ ଏବଂ ସ୍ୱତନ୍ତ୍ର ରେକ ଗୁଡିକୁ ଏକ ସମନ୍ୱିତ ସିଷ୍ଟମରେ ସଂଯୁକ୍ତ କରିଥାଏ। ରେଳ ବ୍ୟତୀତ, ବେଦାନ୍ତ ଆଲୁମିନିୟମର ଲଜିଷ୍ଟିକ୍ ଶକ୍ତି ସାମୁଦ୍ରିକ ବାଣିଜ୍ୟରେ ବିସ୍ତାରିତ। ସି. ଚନ୍ଦ୍ରୁ, ସିଇଓ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡା କହିଛନ୍ତି, ବେଦାନ୍ତ ଆଲୁମିନିୟମରେ, ଆମେ ପରିମାଣରେ ସାମଗ୍ରୀର ଦକ୍ଷ, ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ପରିବହନକୁ ସମର୍ଥନ କରିବା ପାଇଁ ଆମର ଲଜିଷ୍ଟିକ୍ସ ଏବଂ ଭିତ୍ତିଭୂମି କ୍ଷମତାକୁ ନିରନ୍ତର ସୁଦୃଢ କରୁଛୁ। ଆମର ସମନ୍ୱିତ, ରେଳ-ନେତୃତ୍ୱାଧୀନ ଲଜିଷ୍ଟିକ୍ସ ନେଟୱାର୍କ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି, ପରିବର୍ତ୍ତନ ସମୟକୁ ଉନ୍ନତ କରିବା ଏବଂ ପରିବେଶଗତ ପ୍ରଭାବକୁ ହ୍ରାସ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।ବେଦାନ୍ତ ଆଲୁମିନିୟମ୍ ଉତ୍ପାଦନ କ୍ଷମତା ପରି ନିର୍ଭରଯୋଗ୍ୟ, ସ୍ଥିରତା ଏବଂ ସମୟାନୁବର୍ତ୍ତୀ ବିତରଣ ଆବଶ୍ୟକ କ୍ଷେତ୍ରଗୁଡିକରେ ଧାତୁର ଏକ ସ୍ଥିର, ବଡ ପରିମାଣର ଯୋଗାଣ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। କାର୍ଯ୍ୟକ୍ଷମ ଉତ୍କର୍ଷତା ଉପରେ ଏହି ଧ୍ୟାନ ସୁରକ୍ଷା ପ୍ରତି ନିରନ୍ତର ପ୍ରତିବଦ୍ଧତା ଦ୍ୱାରା ମଧ୍ୟ ପରିପୂରକ। ଆର୍ଥିକ ବର୍ଷ ୨୬ରେ, ବେଦାନ୍ତ ରେଳ କାର୍ଯ୍ୟରେ ସଚେତନତା ଏବଂ ନିରାପଦ ଅଭ୍ୟାସକୁ ସୁଦୃଢ କରିବା ପାଇଁ ପ୍ରମୁଖ ଯୋଗାଣକାରୀଙ୍କ ସହଯୋଗରେ 'ସୁରକ୍ଷା ସମ୍ପର୍କ' ଭଳି ପଦକ୍ଷେପ ଗ୍ରହଣ କରିଥିଲା। ଏହି ପଦକ୍ଷେପଗୁଡ଼ିକ ସୁରକ୍ଷିତ ରେକ୍ ଗତି, ଦଳ ମଧ୍ୟରେ ନିକଟ ସମନ୍ୱୟ ଏବଂ ଲଜିଷ୍ଟିକ୍ସ ନେଟୱାର୍କରେ ସୁରକ୍ଷା-ପ୍ରଥମେ ସଂସ୍କୃତିକୁ ସୁଦୃଢ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରେ।ଏହି ବ୍ୟବସ୍ଥା ମଧ୍ୟ ଏହାର ଲୋକଙ୍କ ଦ୍ୱାରା ପରିଚାଳିତ। ବେଦାନ୍ତର ସମସ୍ତ ମହିଳା ଲୋକୋମୋଟିଭ୍ ଦଳ ପ୍ଲାଣ୍ଟ ମଧ୍ୟରେ ରେଳ ଗତି ପରିଚାଳନା ଏବଂ ବାହ୍ୟ ଲଜିଷ୍ଟିକ୍ସ କାର୍ଯ୍ୟ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ।

